# NATIONAL NEWS BULLETIN (ODIA)
## 11th December - 2025
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ମଣିପୁରକୁ ଦୁଇଦିନିଆ ଗସ୍ତରେ ଯାଇ ଇମ୍ଫାଲ୍‌ରେ ପହଞ୍ଚିଲେ ରାଷ୍ଟ୍ରପତି ।

— ଶାନ୍ତି ଓ ବିକାଶ ଲାଗି ନିଆଯାଉଥିବା ପଦକ୍ଷେପକୁ ସମର୍ଥନ କରିବା ଲାଗି ରାଜ୍ୟବାସୀଙ୍କୁ ଦେଲେ ଆହ୍ୱାନ ।

- ୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜାରି ରହିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର କାର୍ଯ୍ୟସୂଚୀରେ ପରିବର୍ତ୍ତନ କଲେ ନିର୍ବାଚନ ଆୟୋଗ ।

- ବିଦେଶରେ କାର୍ଯ୍ୟରତ ଭାରତୀୟଙ୍କର ସୁରକ୍ଷା ଓ କଲ୍ୟାଣକୁ ଭାରତ ସର୍ବୋଚ୍ଚ ପ୍ରାଥମିକତା ଦେଇଥାଏ; କହିଲେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ।

- ବିମାନ ଚଳାଚଳ ଅବ୍ୟବସ୍ଥା ଦ୍ୱାରା ପ୍ରଭାବିତ ଯାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ପ୍ରଦାନ କରିବ ବୋଲି ଘୋଷଣା କଲା ଇଣ୍ଡିଗୋ ।

ଏବଂ

- ନୂଆ ଚଣ୍ଡୀଗଡ଼ରେ ଚାଲିଥିବା ଦ୍ୱିତୀୟ ଟି-୨୦ କ୍ରିକେଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ଭାରତର ନିଷ୍ପତ୍ତି ।

## ପ୍ରେସିଡେଣ୍ଟ - ଇମ୍ଫାଲ ଭିଜିଟ୍

ମଣିପୁରରେ ଶାନ୍ତି ଓ ବିକାଶ ଲାଗି ନିଆଯାଉଥିବା ପଦକ୍ଷେପକୁ ସମର୍ଥନ କରିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଦୁଇଦିନିଆ ମଣିପୁର ଗସ୍ତରେ ଯାଇ ଆଜି ଇମ୍ଫାଲ୍‌ରେ ପହଞ୍ଚିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସ୍ୱାଗତ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ରାଜ୍ୟର ପ୍ରତ୍ୟେକ ଶିଶୁ ନିଜକୁ ସୁରକ୍ଷିତ ମନେ କରିବା ସହ ପ୍ରତ୍ୟେକ ମହିଳା ଯେଭଳି ସଶକ୍ତ ହୋଇପାରିବେ ଏବଂ ପ୍ରତ୍ୟେକ ନାଗରିକ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଅଗ୍ରସର ହୋଇପାରିବେ, ସେଦିଗରେ ମିଳିମିଶି କାର୍ଯ୍ୟ କରିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ

କରିଛନ୍ତି । ଦକ୍ଷିଣ-ପୂର୍ବ ଏସିଆ ସହିତ ଭାରତର ପ୍ରତ୍ୟକ୍ଷ ସଂଯୋଗୀକରଣ ଦିଗରେ ମଣିପୁର ପ୍ରବେଶ ପଥ ହୋଇଥିବାରୁ ଏହାର ଯୁବବର୍ଗ ଏବଂ ଅସୀମ ସଂସ୍କୃତି ଏବଂ ପ୍ରାକୃତିକ ଶୋଭା ଭଣ୍ଡାରର ସଦୁପଯୋଗ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି ।

ଆଜି ରାଷ୍ଟ୍ରପତି ଇମ୍ଫାଲସ୍ଥିତ ବିମାନ ବନ୍ଦରଠାରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହିତ ଭାରତୀୟ ରିଜର୍ଭ ବାଟାଲିୟନ୍‌ର ମହିଳା କଣ୍ଟିଜେଣ୍ଟ ପକ୍ଷରୁ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଛି ।

ଆମ ଇମ୍ଫାଲ୍ ସମ୍ବାଦଦାତା ଜଣାଇଛନ୍ତି, ସେ ରାଜ୍ୟର ଭିନ୍ନଭିନ୍ନ ସ୍ଥାନରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଭିତ୍ତିଭୂମି ଏବଂ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ । ଆସନ୍ତାକାଲି ରାଷ୍ଟ୍ରପତି ଇମ୍ଫାଲଠାରେ ନୁପି ଲାଲ ସ୍ମାରକୀସ୍ଥଳ ଗସ୍ତ କରି ମଣିପୁରର ବୀର ମହିଳା ଯୋଦ୍ଧାମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବେ । ଏହାପରେ ସେ ସେନାପତି ଗସ୍ତ କରି ସେଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ଏସ୍.ଆଇ.ଆର୍. - ରିଭାଇଜଡ୍ ଷ୍ଟେଟ୍‌ମେଣ୍ଟ

୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜାରି ରହିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର କାର୍ଯ୍ୟସୂଚୀରେ ନିର୍ବାଚନ ଆୟୋଗ

ସଂଶୋଧନ କରିଛନ୍ତି । ଏହି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ହେଲା – ତାମିଲ୍‌ନାଡୁ, ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତର ପ୍ରଦଶେ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ । ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ ତାମିଲ୍‌ନାଡୁ ଓ ଗୁଜରାଟରେ ଏହି ପ୍ରକ୍ରିୟା ଆସନ୍ତା ମାସ ୧୪ ତାରିଖ ସୁଦ୍ଧା ଶେଷ ହେବାକୁ ଥିବାବେଳେ ୧୮ ତାରିଖ ସୁଦ୍ଧା ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ସମ୍ପନ୍ନ କରିବା ଲାଗି ସମୟ ଧାର୍ଯ୍ୟ କରାଯାଇଛି । ତେବେ ଉତ୍ତର ପ୍ରଦେଶରେ ଆସନ୍ତା ୨୬ ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ଶେଷ କରାଯିବ ବୋଲି ନିର୍ବାଚନ କମିଶନ୍‌ଙ୍କ ସଂଶୋଧିତ କାର୍ଯ୍ୟସୂଚୀରୁ ଜଣାପଡ଼ିଛି ।

ଏତଦ୍‌ବ୍ୟତୀତ ଚିଠା ଭୋଟର ତାଲିକା ପ୍ରକାଶ କରିବା ତାରିଖରେ ମଧ୍ୟ ସଂଶୋଧନ କରାଯାଇଛି । ତାମିଲ୍‌ନାଡୁ ଓ ଗୁଜରାଟରେ ଏହି ଚିଠା ତାଲିକା ଆସନ୍ତା ୧୯ ତାରିଖ ଦିନ ଜାରି ହେବ ବୋଲି ଜଣାପଡ଼ିଛି । ସେହିଭଳି ୨୩ ତାରିଖ ଦିନ ମଧ୍ୟପ୍ରଦେଶ, ଛତିଶଗଡ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଏବଂ ଉତ୍ତର ପ୍ରଦେଶରେ ୩୧ ତାରିଖ ଦିନ ଏହି ଚିଠା ଭୋଟର ତାଲିକା ଜାରି କରାଯିବ ।

ଅନ୍ୟପକ୍ଷରେ କେରଳ ଲାଗି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପୂର୍ବରୁ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରାଯାଇସାରିଛି । ତଦନୁଯାୟୀ ଆସନ୍ତା ୧୮ ତାରିଖ ସୁଦ୍ଧା ସେଠାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଶେଷ କରାଯାଇ ୨୩ ତାରିଖ ଦିନ ଚିଠା ତାଲିକା ପ୍ରକାଶ କରାଯିବ ।

# ଆର୍.ଏସ୍. - ଇଣ୍ଡିଆନ୍ ନ୍ୟାସନାଲ୍

ବିଦେଶରେ କାର୍ଯ୍ୟ କରୁଥିବା ଭାରତୀୟ ଶ୍ରମିକମାନଙ୍କର ସୁରକ୍ଷା ଓ କଲ୍ୟଣକୁ ଭାରତ ସର୍ବୋଚ୍ଚ ପ୍ରାଥମିକତା ଦେଇଥାଏ ବୋଲି ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି । ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ସିଂହ କହିଛନ୍ତି, ବିଦେଶରେ କାର୍ଯ୍ୟରତ ଭାରତୀୟ ନାଗରିକଙ୍କ ପକ୍ଷରୁ କୌଣସି ଅଭିଯୋଗ ମିଳିଲେ ସମ୍ପୃକ୍ତ ଦେଶରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ । ବିଦେଶକୁ କାର୍ଯ୍ୟ କରିବା ଲାଗି ଯାଉଥିବା ଭାରତୀୟ ନାଗରିକ ବିଶେଷକରି ଶ୍ରମିକମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ଯୋଗାଇବା ଉଦ୍ଦେଶ୍ୟରେ ସରକାର' ନୂଆଦିଲ୍ଲୀ, ଦୁବାଇ, ରିୟାଦ୍, ଯେଦ୍ଦାହ ଓ କୁଆଲାଲମ୍ପୁରଠାରେ ପ୍ରଭାସୀ ଭାରତୀୟ ସହାୟତା କେନ୍ଦ୍ର ସ୍ଥାପନ କରିଛନ୍ତି ।

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କହିଚନ୍ତି, ଦୂତାବାସର ଅଧିକାରୀ ପ୍ରଭାବିତ ଭାରତୀୟ ନାଗରିକଙ୍କ କାର୍ଯ୍ୟସ୍ଥଳକୁ ଗସ୍ତକରି ତାଙ୍କ ନିଯୁକ୍ତିଦାତାଙ୍କ ସହିତ ଏ ପ୍ରସଙ୍ଗରେ ଆଲୋଚନା କରି ସମାଧାନ କରିଥା'ନ୍ତି । ଚଳିତ ବର୍ଷ ବିଦେଶରେ କାର୍ଯ୍ୟରତ ଭାରତୀୟ ନାଗରିକଙ୍କ ନିକଟରୁ ୧୬ ହଜାରୁ ଅଧିକ ଏଭଳି ଅଭିଯୋଗ ହସ୍ତଗତ ହୋଇଛି । ସେଥିମଧ୍ୟରେ ସାଉଦି ଆରବସରେ

ସର୍ବାଧିକ ୩ ହଜାର, ସଂଯୁକ୍ତ ଆରବ ଏମିରେଟ୍‌ସ୍‌ରେ ୧ ହଜାର ୫୦୦, ମାଲେସିଆରେ ୬୨୨ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ୬୨୦ଟି ଅଭିଯୋଗ ରହିଛି ବୋଲି ଶ୍ରୀ ସିଂହ କହିଛନ୍ତି ।

## ଇଣ୍ଡିଗୋ - କମ୍ପେନ୍‌ସେସନ୍

ଇଣ୍ଡିଗୋ ବିମାନ ଚଳାଚଳ ଅବ୍ୟବସ୍ଥାଦ୍ୱାରା ପ୍ରଭାବିତ ଯାତ୍ରୀମାନଙ୍କୁ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ । ଇଣ୍ଡିଗୋ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗତ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଏହି ଏୟାର ଲାଇନ୍‌ସର ବିମାନଗୁଡ଼ିକ ବିଳମ୍ବ ତଥା ବାତିଲ୍ ହେବା କାରଣରୁ ପ୍ରଭାବିତ ଯାତ୍ରୀମାନଙ୍କୁ ଟ୍ରାଭେଲ୍ ଭାଉଚର୍ ଆକାରରେ ଏହି କ୍ଷତିପୂରଣ ପ୍ରଦାନ କରାଯିବ । ଏହି ଯାତ୍ରୀମାନେ ଆସନ୍ତା ୧୨ ମାସ ମଧ୍ୟରେ ଇଣ୍ଡିଗୋ ବିମାନରେ ଯାତ୍ରା ସମୟରେ ଏହି ଅର୍ଥରାଶିର ଭାଉଚର୍‌କୁ ବ୍ୟବହାର କରିପାରିବେ । ସରକାରୀ ନିର୍ଦ୍ଦେଶନାମା ଅଧୀନରେ ବାଧ୍ୟତାମୂଳକ କ୍ଷତିପୂରଣ ବ୍ୟତୀତ ଯେଉଁ ଯାତ୍ରୀମାନଙ୍କର ବିମାନ’ ଉଡ଼ାଣ ସମୟର ୨୪ ଘଣ୍ଟା ମଧ୍ୟରେ ବାତିଲ୍ ହୋଇଛି, ସେମାନଙ୍କୁ ଇଣ୍ଡିଗୋ ପକ୍ଷରୁ ୫ରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ପ୍ରଦାନ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି ।

# ଆର୍.ଏସ୍. - ଇଲେକ୍ସନ ରିଫର୍ମସ୍

ନିର୍ବାଚନ ସଂସ୍କାର ସମ୍ପର୍କରେ ଆଜି ରାଜ୍ୟସଭାରେ ଆଲୋଚନା କରାଯାଇଛି । ଆଲୋଚନାରେ ଅଂଶଗ୍ରହଣ କରି ବି.ଜେ.ପି. ନେତା ସୁଧାଂଶୁ ତ୍ରିବେଦୀ କହିଛନ୍ତି, ଭାରତ ହେଉଛି ଗଣତନ୍ତ୍ରର ଜନନୀ । ନିର୍ବାଚନ ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍.ଡି.ଏ. ସରକାର ବିହିତ ପଦକ୍ଷେପ ନେଇଛନ୍ତି । ଏହାର ଅଂଶସ୍ୱରୂପ ବିଭିନ୍ନ ରାଜନୈତିକ ଦଳଗୁଡ଼ିକୁ ଆର୍ଥିକ ଅନୁଦାନର ସୀମାକୁ ୨୦ ହଜାରରୁ ୨ ହଜାର ଟଙ୍କାକୁ ହ୍ରାସ କରାଯାଇଛି । ସେହିଭଳି ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରହିଛି । ଭାରତକୁ ବିଶ୍ୱର ଏକ ସକ୍ରିୟ ଗଣତାନ୍ତ୍ରିକ ଦେଶ ଭାବେ ଅଭିହିତ କରି ଶ୍ରୀ ତ୍ରିବେଦୀ କହିଛନ୍ତି :

***Voice (Sudhansu Trivedi)*** :.........

ଗୃହରେ ଏହି ଆଲୋଚନା ଆରମ୍ଭ କରି କଂଗ୍ରେସ ସାଂସଦ ଅଜୟ ମାକେନ' ଭୋଟ୍‌ଗ୍ରହଣ କେନ୍ଦ୍ରଗୁଡ଼ିକରେ ଗ୍ରହଣ କରାଯାଇଥିବା ସି.ସି.ଟି.ଭି ଫୁଟେଜ୍‌କୁ ନିର୍ବାଚନ ଆୟୋଗ ଜାରି ନ କରିଥିବାର ଅଭିଯୋଗ କରିଛନ୍ତି ।

ସେହିଭଳି ଟି.ଏମ୍.ସି.ର ଡୋଲା ସେନ୍, ଡି.ଏମ୍.କେ. ଏମ୍.ଆର୍. ଏଲାଙ୍ଗୋ, ଆପ୍‌ର ସଞ୍ଜୟ ସିଂହ, ୱାଇ.ଏସ୍.ଆର୍. କଂଗ୍ରେସର ୱାଇ.ଭି. ସବା ରେଡ୍ଡୀ ଏହି ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜର ସୁଚିନ୍ତିତ ମତାମତ

ବ୍ୟକ୍ତ କରିଛନ୍ତି । ପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

## ଲୋକସଭା - ୱାନ୍ ନେସନ୍ ୱାନ୍ ଇଲେକ୍‌ସନ

'ଏକ ଦେଶ - ଏକ ନିର୍ବାଚନ' ଲାଗି ଗଠିତ କମିଟିର କାର୍ଯ୍ୟକାଳକୁ ଲୋକସଭା ପକ୍ଷରୁ ଆସନ୍ତା ବର୍ଷ ବଜେଟ୍ ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଦେଶବ୍ୟାପୀ ଏକସଙ୍ଗେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକ ଲାଗି ନିର୍ବାଚନ କରାଇବା ଉଦ୍ଦେଶ୍ୟରେ ପି.ପି. ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଯୁଗ୍ମ କମିଟି ପକ୍ଷରୁ ଏହାର କାର୍ଯ୍ୟକାଳ ବୃଦ୍ଧି ଲାଗି ପ୍ରସ୍ତାବ ଦିଆଯାଇଥିଲା । ପ୍ରସ୍ତାବଟି ଗୃହରେ ବାଚନିକ ଭୋଟ୍‌ରେ ଗୃହୀତ ହୋଇଛି ।

## ରିଜିଜୁ - ୱାକଫ୍

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରିନ୍ ରିଜିଜୁ ଆଜି ନୂଆଦିଲ୍ଲୀରେ ସର୍ବଭାରତୀୟ ମୁସ୍‌ଲିମ୍ ପର୍ସନାଲ୍ ବୋର୍ଡ଼ର ପ୍ରତିନିଧିମଣ୍ଡଳୀ ସହିତ

ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ରିଜିଜୁ କହିଛନ୍ତି, ଉମୀଦ୍ ପୋର୍ଟାଲ୍‌ରେ ୱାକଫ୍ ସମ୍ପତ୍ତିର ପଞ୍ଜୀକରଣ ସମ୍ପର୍କିତ ପ୍ରସଙ୍ଗ ଉପରେ ସେମାନେ ଆଲୋଚନା କରିଛନ୍ତି ।

## ଆର୍.ଏସ୍. - ବନ୍ଦେ ମାତରମ୍

ରାଜ୍ୟସଭାରେ ଆଜି ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଉପରେ ମଧ୍ୟ ଆଲୋଚନା କରାଯାଇଛି । ଗତ ମଙ୍ଗଳବାର ଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୃହରେ ଏହି ଆଲୋଚନା ଆରମ୍ଭ କରିଥିଲେ । ଆଲୋଚନା ସମାପ୍ତ କରି ରାଜ୍ୟସଭାର ନେତା ତଥା କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି, ବନ୍ଦେ ମାତରମ୍ ଏଭଳି ଏକ ମନ୍ତ୍ର, ଯାହାକି ଦେଶର ଆତ୍ମାକୁ ଜାଗ୍ରତ କରାଇଥାଏ । ଏହାଛଡ଼ା ଦେଶର ସଂସ୍କୃତି ସହିତ ସଂଯୋଗ ହୋଇ ରହିବା ଦିଗରେ ସୁଯୋଗ ପ୍ରଦାନ କରିଥାଏ । ପ୍ରତ୍ୟେକ ଭାରତୀୟଙ୍କ ଲାଗି ଏହି ଗୀତ ଏମ ଭାବଗତ ପ୍ରେରଣାର ଉତ୍ସ ହୋଇ ରହିବା ସହିତ ଏକତା ମାଧ୍ୟମରେ ଦେଶକୁ ଆଗେଇ ନେବା ଦିଗରେ ମଧ୍ୟ ସହାୟକ ହୋଇଥାଏ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ସ୍ୱାଧୀନତା ସଂଗ୍ରାମ ସମୟରେ ଐତିହାସିକ ଘଟଣାର ଏହି ଗୀତ ସାକ୍ଷୀ ରହିଥିବାବେଳେ ପ୍ରତ୍ୟେକ ସଂଗ୍ରାମୀଙ୍କୁ ଶକ୍ତି ଯୋଗାଇଥିଲା ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

## ଆସାମ - ଆକ୍ସିଡେଣ୍ଟ

ଅରୁଣାଚଳ ପ୍ରଦେଶର ଆଞ୍ଜାଓ ଜିଲ୍ଲାର ଚାଗ୍‌ଲାଗାମ୍ ନିକଟରେ ଏକ ଟ୍ରକ୍ ଓଲଟି ପଡ଼ିବା ଯୋଗୁଁ ୨୧ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରୁ ୧୪ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଆସାମରୁ ୨୨ ଜଣ ଶ୍ରମିକଙ୍କୁ ନେଇ ଯାଇଥିବା ଏକ ଟ୍ରକ୍ ଅରୁଣାଚଳ ପ୍ରଦେଶ-ଚୀନ ସୀମାବର୍ତ୍ତୀ ଅଞ୍ଚଳ ଚାଗ୍‌ଲାଗାମ୍‌ଠାରେ ଓଲଟି ପଡ଼ିବା ଫଳରେ ଏଭଳି ଅଘଟଣ ଘଟିଛି । ଭାରତୀୟ ସେନା, ଏନ୍.ଡି.ଆର୍.ଏଫ୍., ଏସ୍.ଡି.ଆର.ଏଫ୍., ଗ୍ରେଫ୍ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ତଲାସୀ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଦୁର୍ଘଟଣାରେ ଶୋକ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ବର୍ଗଙ୍କ ଲାଗି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଏବଂ ଆହତଙ୍କ ଚିକିତ୍ସା ଲାଗି ୫୦ ହଜାର ଟଙ୍କା ଲେଖାଏଁ ଘୋଷଣା କରିଛନ୍ତି ।

## କ୍ରିକେଟ୍

ନୂଆ ଚଣ୍ଡୀଗଡ଼ରେ ଚାଲିଥିବା ଦ୍ୱିତୀୟ ଟି-୨୦ କ୍ରିକେଟ ମ୍ୟାଚ୍‌ରେ ଭାରତ’ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ

ନିଷ୍ପତ୍ତି ନେଇଛି । ଏହି ମ୍ୟାଚ୍ ସନ୍ଧ୍ୟା ୭ଟାରେ ଆରମ୍ଭ ହୋଇଛି । ସମ୍ବାଦ ପ୍ରସ୍ତୁତ ହେବା ସମୟରେ ଦକ୍ଷିଣ ଆଫ୍ରିକା ୩ ଓଭରରେ କୌଣସି ୱିକେଟ୍ ନ ହରାଇ ୨ ୨ ରନ୍ ସଂଗ୍ରହ କରିଛି ।

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ବର୍ତ୍ତମାନ ୧-୦ରେ ଆଗୁଆ ଅଛି । ଗତ ୯ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୧୦୧ ରନ୍‌ରେ ପରାସ୍ତ କରିଥିଲା । ସିରିଜ୍‌ର ତୃତୀୟ ମ୍ୟାଚ୍ ଧର୍ମଶାଳାରେ ହେବାକୁ ଥିବାବେଳେ, ଚତୁର୍ଥ ମ୍ୟାଚ୍ ଲକ୍ଷ୍ନୌରେ ଏବଂ ଅନ୍ତିମ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ ।

*****